# NATIONAL NEWS BULLETIN (ODIA)

**8 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆହ୍ୱାନର ସମାଧାନ ସହ  ଛାତ୍ରଛାତ୍ରୀ ଜାତୀୟ ଦାୟିତ୍ୱକୁ ବହନ କରିବା ଉପରେ ଗୁରୁତ୍ୱ ଦେଲେ ପ୍ରଧାନମନ୍ତ୍ରୀ

–ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ସମାରୋହକୁ କଲେ ସମ୍ବୋଧନ

- ମୁମ୍ବାଇଠାରେ **NUCFDC** ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- କବିଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ୮୫ତମ ପୁଣ୍ୟତିଥି ଅବସରରେ ଦେଶବାସୀଙ୍କ ଶ୍ରଦ୍ଧାଞ୍ଜଳି

- ହିମାଚଳ ପ୍ରଦେଶରେ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ

ଏବଂ

- କୋରିଆ ମାଷ୍ଟର୍ସ ଥ୍ରି ହଣ୍ଡ୍ରେଡ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ବର୍ଗର ଫାଇନାଲ୍‌ରେ ପହଞ୍ଚିଲେ ଭାରତର ଅସ୍ମିତା ଚଲିହା

## ପିଏମ୍-ଆଇଆଇଟି ଦିଲ୍ଲୀ

ପ୍ରତ୍ୟେକ ନିଷ୍ପତ୍ତି କ୍ଷେତ୍ରରେ ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ପ୍ରତ୍ୟେକ ପଦକ୍ଷେପ ଦେଶକୁ କିପରି ଲାଭ ପହଞ୍ଚାଇ ପାରିବ, ସେ ଦିଗରେ ଚିନ୍ତା କରିବା ଆବଶ୍ୟକ । ପ୍ରତ୍ୟେକ ପିଢ଼ି ନିଜ ସମୟର ଆହ୍ୱାନର ସମ୍ମୁଖୀନ ହୋଇଥାଏ ଏବଂ ଏହାର ସମାଧାନ ସହ ଜାତୀୟ ଦାୟିତ୍ୱକୁ ମଧ୍ୟ ବହନ କରିଥାଏ । ସ୍ନାତକ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ଆଗାମୀ ଦିନରେ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O**

ବିଭିନ୍ନ କ୍ଷେତ୍ରରେ ଯୁବବର୍ଗଙ୍କ ପାଇଁ ଏବେ ନୂତନ ସୁଯୋଗ ସୃଷ୍ଟି ହେଉଛି । ସେମିକଣ୍ଡକ୍ଟର, ମହାକାଶ ଏବଂ ଡ୍ରୋନ୍ ଭଳି କ୍ଷେତ୍ରଗୁଡ଼ିକ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ସବୁକ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ କାର୍ଯ୍ୟ କରୁଛି ।

**V/O**

ସାଂପ୍ରତିକ ସାମାଜିକ ଗଣମାଧ୍ୟମ ଯୁଗରେ ବିଭ୍ରାନ୍ତିକର ତଥ୍ୟଠାରୁ ଦୂରେଇ ରହିବାକୁ ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ଦରମା ପ୍ୟାକେଜ୍, ଚାକିରି କିମ୍ବା ସେମାନେ କାର୍ଯ୍ୟ କରୁଥିବା କ୍ଷେତ୍ର ସହ ଅନ୍ୟ ସ୍ଥାନକୁ ତୁଳନା କରିବା ଉଚିତ ନୁହେଁ ବୋଲି ଶ୍ରୀ ମୋଦୀ ପରାମର୍ଶ ଦେଇଛନ୍ତି । ଆସନ୍ତାକାଲିକୁ ଆହୁରି ଅଧିକ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ଦିନ କାର୍ଯ୍ୟ କରିବାକୁ ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି ।

ସମାରୋହରେ ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଆଇଆଇଟି ଦିଲ୍ଲୀର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ର ଅଧ୍ୟକ୍ଷ ହରିଶ ସାଲ୍‌ଭେ ଓ ନିର୍ଦ୍ଦେଶକ ପ୍ରଫେସର ରଂଜନ

ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ମୋଦୀ ଉଚ୍ଚ କ୍ଷମତାସଂପନ୍ନ ସୁପର୍ କମ୍ପ୍ୟୁଟିଂ ସୁବିଧା 'ପରମ ଜ୍ଞାନ'ର ଶୁଭାରମ୍ଭ କରିଛନ୍ତି । ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ, ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ଏବଂ ଅନ୍ୟାନ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ଅମିତ ଶାହା

କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହ ମୁମ୍ବାଇରେ ନ୍ୟାସନାଲ ଅର୍ବାନ କୋ-ଅପରେଟିଭ୍ ଫାଇନାନ୍ସ ଆଣ୍ଡ ଡେଭେଲପମେଣ୍ଟ କର୍ପୋରେସନ୍ ଲିମିଟେଡ୍ – **NUCFDC**ର ନୂଆ କାର୍ଯ୍ୟାଳୟ ଆଜି ଉଦ୍‌ଘାଟନ କରିଛନ୍ତି।  ଏହି ଅବସରରେ କେତେକ ପଦକ୍ଷେପର ମଧ୍ୟ ଶ୍ରୀ ଶାହା ଶୁଭାରମ୍ଭ କରିଛନ୍ତି । ଅପରେସନାଲ୍ ରିସ୍କ୍ ମ୍ୟାନେଜମେଣ୍ଟ ଏବଂ ରିଜିଲିଏନ୍ସ ଉପରେ ଏକ କଫି ଟେବୁଲ୍ ପୁସ୍ତକକୁ ମଧ୍ୟ ଶ୍ରୀ ଶାହା ଉନ୍ମୋଚନ କରିବା ସହ ୬ଟି ସମବାୟ ବ୍ୟାଙ୍କର ପ୍ରତିନିଧିଙ୍କୁ ସମ୍ମାନିତ କରିଛନ୍ତି । ସେ ମହାରାଷ୍ଟ୍ରର ରାଜ୍ୟସ୍ତରୀୟ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ ଫେଡେରେସନ୍ ଓ ଜିଲ୍ଲା ସଂଘଗୁଡ଼ିକର ପ୍ରତିନିଧିମାନଙ୍କ ସହ ମଧ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

# ବ୍ରିକ୍ସ- ଭୋପାଳ

ଭୋପାଳ ଠାରେ ଚାଲିଥିବା ବ୍ରିକ୍ସ ସାଂସ୍କୃତିକ ସମ୍ମିଳନୀ ଅବସରରେ ଗତକାଲି ବିଦେଶୀ ପ୍ରତିନିଧି ସହରର ବିଭିନ୍ନ ଐତିହ୍ୟ ଓ ପ୍ରାକୃତିକ ସ୍ଥଳୀ ବୁଲି ଦେଖିଥିଲେ । ଗୋହରମହଲ, ଇକ୍‌ବାଲ ମଇଦାନ ଏବଂ ମୋତି ମସ୍‌ଜିଦ୍ ଆଦି ସେମାନେ ପରିଭ୍ରମଣ କରିଥିଲେ । ଭାନ୍ ବିହାର ଜାତୀୟ ଉଦ୍ୟାନ ପରିଦର୍ଶନ କରି ବନ୍ୟପ୍ରାଣୀ ଏବଂ ସମୃଦ୍ଧ ଜୈବ ବିବିଧତାକୁ ବୁଲି ଦେଖିଥିଲେ । ଇରାନ, ଚୀନ୍ ସମେତ ଅନ୍ୟ ଦେଶଗୁଡ଼ିକର ପ୍ରତିନିଧି

ଏଥିରେ ଅଂଶ ଗ୍ରହଣ କରିଥିଲେ । ବ୍ରିକ୍ସ ସମ୍ମିଳନୀ ଅବସରରେ ସାଂସ୍କୃତିକ ତଥା ଲୋକସଂପର୍କକୁ ମଜବୁତ କରିବା ଏଭଳି ଗସ୍ତ ଉପଯୋଗୀ ସାବ୍ୟସ୍ତ ହୋଇଛି । ଏହି ପ୍ରତିନିଧି ମଣ୍ଡଳୀ ଭୋପାଳ ଗସ୍ତକୁ ଏକ ସ୍ମରଣୀୟ ଅଭିଜ୍ଞତା ଭାବେ ବର୍ଣ୍ଣନା କରିବା ସହ ସ୍ଥାନୀୟ ଲୋକଙ୍କ ଆତିଥେୟତାକୁ ଉଚ୍ଚପ୍ରଶଂସା କରିଛନ୍ତି ।

## ରବୀନ୍ଦ୍ରନାଥ ଟାଗୋର

ନୋବେଲ ବିଜେତା ତଥା ଆମର ଜାତୀୟ ସଂଗୀତ ରଚୟିତା କବି ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ଆଜି ୮୫ତମ ପୁଣ୍ୟତିଥି । ଏହି ଅବସରରେ ଦେଶବାସୀ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । କୋଲକାତାର ଜୋରାସାଙ୍କୋ ଠାକୁରବାଡ଼ିସ୍ଥିତ ରବୀନ୍ଦ୍ରନାଥ ଟାଗୋରଙ୍କ ପୈତୃକ ଘର ଓ ଶାନ୍ତିନିକେତନ ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମାନବବାଦୀ ଆଦର୍ଶ ଏବଂ କଳାତ୍ମକ ପ୍ରତିଭା ମାଧ୍ୟମରେ ସାଂସ୍କୃତିକ ପରିଚୟକୁ ଅଧିକ ସୁଦୃଢ଼ କରିବାରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଆଦର୍ଶ ନୂତନ ପିଢ଼ିକୁ ପ୍ରେରଣା ଯୋଗାଉଛି ।

## ଏଚ୍‌ପି-ଆକ୍ସିଡେଣ୍ଟ

ହିମାଚଳପ୍ରଦେଶ ଚମ୍ବା ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୭ ଜଣଙ୍କର ମୃତ୍ୟୁ ହୋଇଛି । ଟିସା ଥାନା ଅନ୍ତର୍ଗତ ବଇରାଗଡ଼ର ଚାଲୁଞ୍ଜିମୋର ଠାରେ ଆଜି ସକାଳେ ଏହି ଦୁର୍ଘଟଣା ଘଟିଛି । ଏଥିରେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି । ଯାତ୍ରୀବାହୀ ବସ୍‌ଟି ବଇରାଗଡ଼ରୁ ଚମ୍ବା ଅଭିମୁଖେ ଯାତ୍ରା କରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ

କରିଥିଲା । ପ୍ରାଣ ହରାଇଥିବା ୭ ଜଣଙ୍କର ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ପୋଲିସ୍ କହିଛି । ତେବେ ଦୁର୍ଘଟଣାର ତଦନ୍ତ ଚାଲିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

---

## ଗୋଏଲ୍ ଜିଆଇ ଟ୍ୟାଗ୍-ମଖାନା

ବାଣିଜ୍ୟ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ବିହାରରୁ ଅଷ୍ଟ୍ରେଲିଆକୁ ପ୍ରଥମଥର ପାଇଁ ଜିଆଇ ଟ୍ୟାଗ୍ ଯୁକ୍ତ ମିଥିଲା ମଖାନା ରପ୍ତାନୀ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ କହିଛନ୍ତି, ଦରଭଙ୍ଗାର ଚାଷୀଙ୍କଠାରୁ ସିଧାସଳଖ ଭାବେ ଏହା କ୍ରୟ କରାଯାଇଛି । ଏହା ଦ୍ୱାରା ବଜାର ମୂଲ୍ୟ ତୁଳନାରେ ସେମାନେ ୧୮ ପ୍ରତିଶତ ଅଧିକ ଲାଭ ପାଇଛନ୍ତି । କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ କର୍ତ୍ତୃପକ୍ଷଙ୍କ ସହାୟତାରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଶ୍ରୀ ଗୋୟଲ କହିଛନ୍ତି ।

---

## ଝାଡ଼ଖଣ୍ଡ -ଷ୍ଟ୍ରାଇକ୍

ଝାଡ଼ଖଣ୍ଡର ରାଞ୍ଚି ସ୍ଥିତ ରାଜ୍ୟ ଅତିଥି ଭବନରେ ଆଜି ପ୍ରତିବାଦକାରୀ ଛାତ୍ର ପ୍ରତିନିଧି ମଣ୍ଡଳୀ ଏବଂ ସରକାରଙ୍କ ମଧ୍ୟରେ ଆଲୋଚନା ହୋଇଛି । ବୈଠକରେ ସରକାରୀ ଅଧିକାରୀଙ୍କ ସହ ୮ ଜଣିଆ ଛାତ୍ର ପ୍ରତିନିଧି ମଣ୍ଡଳୀ ଅଂଶ ଗ୍ରହଣ କରିଥିଲେ । ପରୀକ୍ଷାରେ ଅନିୟମିତତା ଅଭିଯୋଗ ନେଇ ଗତ ୨ ସପ୍ତାହ ଧରି ରାଞ୍ଚିଠାରେ ଛାତ୍ରଙ୍କ ପକ୍ଷରୁ ପ୍ରତିବାଦ ଜାରି

ରହିଛି । ପ୍ରଥମ ଆନୁଷ୍ଠାନିକ ବୈଠକ ଗତ ସନ୍ଧ୍ୟାରେ ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିଲା ।

## ଜେକେ-ଅମରନାଥ

ପ୍ରତିକୂଳ ପାଗ ଓ କ୍ଷତିଗ୍ରସ୍ତ ରାସ୍ତା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାମ୍ମୁରୁ ବାଲ୍‌ତାଲ୍ ଅଭିମୁଖେ ଶ୍ରୀ ଅମରନାଥଜୀ ଯାତ୍ରାକୁ ସ୍ଥଗିତ ରଖାଯାଇଛି । ଜାମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଖରାପ ପାଗ ଯୋଗୁଁ ଯୋଗାଯୋଗରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ତେବେ ବାଲ୍‌ତାଲ୍‌ରୁ ଯାତ୍ରା ପୂର୍ବ ପରି ବଳବତ୍ତର ରହିଛି । ଇତିମଧ୍ୟରେ ଆଜି ୧୨ଶହରୁ ଅଧିକ ତୀର୍ଥଯାତ୍ରୀ ପବିତ୍ର ଗୁମ୍ଫା ଦର୍ଶନ କରିସାରିଲେଣି । ପୂର୍ବରୁ ଦର୍ଶନ କରିଥିବା ଯାତ୍ରୀଙ୍କୁ ବାଲତାଲରୁ ଜାମ୍ମୁ ଅଭିମୁଖେ ଯିବାକୁ ଅନୁମତି ପ୍ରଦାନ କରାଯାଇଛି ।

## ରୁଷ-କିଭ୍ ଆଟାକ୍

ୟୁକ୍ରେନ୍‌ର ରାଜଧାନୀ କିଭ୍ ନିକଟବର୍ତ୍ତୀ ଅଞ୍ଚଳରେ ରୁଷ୍ ପକ୍ଷରୁ ଆଜି ପ୍ରତ୍ୟୁଷରୁ ହୋଇଥିବା କ୍ଷେପଣାସ୍ତ୍ର ମାଡ଼ରେ ୪ ଜଣଙ୍କର ମୃତ୍ୟୁ ହୋଇଛି । କିଭ୍‌ର ପୂର୍ବଭାଗ ଅଞ୍ଚଳରେ ଏହି ଆକ୍ରମଣ ହୋଇଥିଲା । ସେଠାକାର ସାମରିକ ପ୍ରଶାସନ ମୁଖ୍ୟ ତୈମୁର ତକାଚେଙ୍କୋ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି, ଏହି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି ।

ଅନ୍ୟପକ୍ଷରେ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲ୍‌ଦମିର ଜେଲେନ୍‌ସ୍କି' ସର୍ବିଆର ରାଜଧାନୀ ବେଲ୍‌ଗ୍ରେଡ୍ ଗସ୍ତରେ ଯାଇଛନ୍ତି । ରୁଷ୍‌ର କ୍ଷେପଣାସ୍ତ୍ର ଆକ୍ରମଣ ବିରୁଦ୍ଧରେ ଆନ୍ତର୍ଜାତିକ ସମର୍ଥନ ଲୋଡ଼ିବା ଶ୍ରୀ ଜେଲେନ୍‌ସ୍କିଙ୍କର ଏହି

ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ୟୁକ୍ରେନ୍‌କୁ ଯୁଦ୍ଧ ପରବର୍ତ୍ତୀ ପୁନର୍ନିର୍ମାଣ ନେଇ ସମର୍ଥନ ପ୍ରଦାନ କରିବାକୁ ଘୋଷଣା କରିଥିବା ବେଳେ ରୁଷ୍ ଉପରେ କଟକଣା ଲାଗୁ କରିବାକୁ ସର୍ବିଆ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଭୁସିଜ୍ ମନା କରିଦେଇଛନ୍ତି ।

---

## କୋରିଆନ୍ ଓପନ୍

କୋରିଆ ମାଷ୍ଟର୍ସ ଥ୍ରୀ ହଣ୍ଡ୍ରେଡ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ବର୍ଗରେ ଭାରତର ଅସ୍ମିତା ଚଲିହା ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଦକ୍ଷିଣ କୋରିଆର ଅସାନଠାରେ ଖେଳାଯାଉଥିବା ଏହି ପ୍ରତିଯୋଗିତାରେ ଆଜି ଅନୁଷ୍ଠିତ ସେମିଫାଇନାଲ୍‌ରେ ଅସ୍ମିତା ଅନ୍ୟ ଭାରତୀୟ ଖେଳାଳି ରକ୍ଷିତା ରାମରାଜଙ୍କୁ ୨୧-୧୩, ୧୬-୨୧ ଏବଂ ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି । ଆସନ୍ତାକାଲି ଫାଇନାଲ୍‌ରେ ଅସ୍ମିତା ଏବଂ ଚୀନ୍‌ର କ୍ୟୁ ହାନ୍ ଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

---

## ୟୁ-୨୦ ଆଥଲେଟିକ୍ସ

୨୦ ବର୍ଷରୁ କମ୍ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତ ପୁରୁଷ ଜାଭେଲିନ୍ ଥ୍ରୋ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛି । ଆମେରିକାର ୟୁଗେନେଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଆଶିଷ ଯାଦବ ୭୪ ଦଶମିକ ୦/୯ ମିଟର ଜାଭେଲିନ୍ ଥ୍ରୋ କରି ଏହି ସଫଳତା ପାଇଛନ୍ତି । ଏହି ବର୍ଗରେ ଦକ୍ଷିଣ ଆଫ୍ରିକା ସ୍ୱର୍ଣ୍ଣପଦକ ହାସଲ କରିଛି ।

---